# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 3rd September – 2025

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ଜିଏସ୍‌ଟି ସଂସ୍କାର ନେଇ  ଆଲୋଚନା
- ଦେଶରେ ଥିବା ପ୍ରାଥମିକ ବିଦ୍ୟାଳୟ ସହ ଅଙ୍ଗନବାଡ଼ି କେନ୍ଦ୍ରର ମିଶ୍ରଣ ନେଇ ନିର୍ଦ୍ଦେଶାବଳୀର ଶୁଭାରମ୍ଭ
- ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ୧୪ଟି ସବ୍‌କମିଟି ଗଠିତ; ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ

ଏବଂ

- ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ସଂସ୍କୃତି ବିଭାଗ ପକ୍ଷରୁ  ଦରଖାସ୍ତ ଆହ୍ୱାନ

News Pool

# ଜିଏସ୍‌ଟି ବୈଠକ

ନୂଆଦିଲ୍ଲୀରେ ଦ୍ରବ୍ୟ ଓ ସେବାକର– ଜିଏସ୍‌ଟି ପରିଷଦର ୫୬ତମ ବୈଠକ ଜାରି ରହିଛି। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ଦୁଇଦିନିଆ ବୈଠକରେ ଜିଏସ୍‌ଟି ସଂସ୍କାର ଉପରେ ବିସ୍ତୃତ ଆଲୋଚନା ହେଉଛି। ଟିକସ ହାରରେ ଆବଶ୍ୟକ ପରିବର୍ତ୍ତନ ଏବଂ ଜିଏସ୍‌ଟି ସରଳୀକରଣ ନେଇ ବୈଠକରେ ମତବିନିମୟ ଚାଲିଛି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ସହିତ ଓଡ଼ିଶା, ଦିଲ୍ଲୀ, ଗୋଆ, ହରିୟାଣା, ଜାମ୍ମୁ-କାଶ୍ମୀର ଏବଂ ମେଘାଳୟର ମୁଖ୍ୟମନ୍ତ୍ରୀ ବୈଠକରେ ଯୋଗ ଦେଇଛନ୍ତି। ଅନ୍ୟ କେତେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଉପମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀମାନେ ବୈଠକରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସ୍ୱାଧୀନତା ଦିବସ ଅଭିଭାଷଣରେ ଦ୍ରବ୍ୟ ଓ ସେବାକର ଜିଏସ୍‌ଟିର ସଫଳତା ଉପରେ ଆଲୋକପାତ କରିବା ସହ ପରବର୍ତ୍ତୀ ପିଢ଼ିର ସଂସ୍କାର ଉପରେ ଗୁରୁତ୍ୱ ଦେଇଥିଲେ। ଆତ୍ମନିର୍ଭର ଭାରତ ଗଠନ ପାଇଁ ଗତ ମାସରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରିସ୍ତରୀୟ ଗୋଷ୍ଠୀ ବୈଠକରେ ଜିଏସ୍‌ଟି ସଂସ୍କାର ନେଇ କେତେକ ପ୍ରସ୍ତାବ ପ୍ରଦାନ କରାଯାଇଥିଲା।

BBSR/R

# ଧର୍ମେନ୍ଦ୍ର ପ୍ରଧାନ– ଅଙ୍ଗନବାଡ଼ି

ଦେଶରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ସହିତ ଅଙ୍ଗନବାଡ଼ି କେନ୍ଦ୍ରର ମିଶ୍ରଣ ନେଇ ଏକ ନିର୍ଦ୍ଦେଶାବଳୀର ଶୁଭାରମ୍ଭ ହୋଇଛି।

ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ବିକଶିତ ଭାରତ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ନୂତନ ପ୍ରଯୁକ୍ତିବିଦ୍ୟା ଯୁଗରେ କୃତ୍ରିମ ବୁଦ୍ଧିମତାର ଉପଯୋଗ କରି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଶ୍ରୀ ପ୍ରଧାନ କହିଛନ୍ତି, ଆଗାମୀ ତିନି ବର୍ଷ ମଧ୍ୟରେ ଦେଶର ପ୍ରାୟ ୨ ଲକ୍ଷ ଉଚ୍ଚବିଦ୍ୟାଳୟ ଗୁଡ଼ିକରେ ବ୍ରଡବ୍ୟାଣ୍ଡ ସୁବିଧା ଉପଲବ୍ଧ ହେବ। ଦେଶରେ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ହେଲେ ବିକଶିତ ଭାରତ ଗଠନର ସ୍ୱପ୍ନ ସାକାର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

Puri

# ଛତିଶା ନିଯୋଗ ବୈଠକ

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପୁରୀ ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୪ଟି ସବ୍‌କମିଟି ଗଠନ କରାଯାଇଛି। ଚାରୋଟି ସ୍ଥାୟୀ କମିଟିରେ ନୀତି, ଅର୍ଥ, ରତ୍ନଭଣ୍ଡାର ଓ ଅପିଲ ସବ୍‌କମିଟି ରହିଛି। ପ୍ରଥମଥର ପାଇଁ ଡକ୍ଟର ଗିରିଶ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସବ୍‌କମିଟି ଗଠନ କରାଯାଇଛି।

ସେହିଭଳି ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ପ୍ରଚାର, ଭୂମି, ପ୍ରକଳ୍ପ, ସାଂସ୍କୃତିକ, ଶ୍ରୀଜଗନ୍ନାଥ ମନ୍ଦିର ପେନସନ୍, ବ୍ୟବସ୍ଥା, ବିଧି, ନୀତି

ସମନ୍ୱୟ ସବ୍‌କମିଟି ଗଠନ କରାଯାଇଛି। ବୈଠକରେ ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଅନୁମୋଦନ ମିଳିଛି। ଏ ନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ସେବା ସହ ସମ୍ପୃକ୍ତ ସେବାୟତ ନିଯୋଗଙ୍କ ସହିତ ଆଲୋଚନା ପରେ ପରୀକ୍ଷାମୂଳକ ଭାବେ ଧାଡ଼ି ବ୍ୟବସ୍ଥା ଆରମ୍ଭ ହେବ। ନାଟମଣ୍ଡପରେ ଏ.ଏସ୍.ଆଇ ପକ୍ଷରୁ ବାତାନୁକୂଳିତ ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗଙ୍କ ପାଇଁ ବ୍ୟବସ୍ଥା ନେଇ ଏକ ମାର୍ଗଦର୍ଶିକା ଜାରି କରାଯିବ। ସେହିଭଳି ବୈଠକରେ ଅଦିନିଆ ରଥଯାତ୍ରା ସମ୍ପର୍କରେ ବିହିତ ପଦକ୍ଷେପ ପାଇଁ ଆଲୋଚନା କରାଯାଇଛି। ଅନ୍ୟ ତିଥିରେ ରଥଯାତ୍ରା କରାଯିବ ନାହିଁ, ଏ ନେଇ ସରକାରଙ୍କୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ବୈଠକରେ ପରେ ସୂଚନା ଦେଇଛନ୍ତି।

**- V/O -**

BHK

## ଉଚ୍ଚଶିକ୍ଷା ମନ୍ତ୍ରୀ– ଚିକିତ୍ସାଳୟ ପରିଦର୍ଶନ

ଭଦ୍ରକ ଜିଲ୍ଲା ନୂତନ ଚିକିତ୍ସାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୨ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ଜନସ୍ୱାସ୍ଥ୍ୟ ପରୀକ୍ଷାଗାରକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଶ୍ରୀ ସୁରଜ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡକୁ ପରିଦର୍ଶନ କରି ରୋଗୀଙ୍କ ପାଇଁ ଉପଲବ୍ଧ

ଥିବା ବିଭିନ୍ନ ସୁବିଧାର ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଅଳିଆ ଆର୍ବଜନା ରଖିବା ପାଇଁ ସେଫାର୍ଡର ଶୁଭାରମ୍ଭ କରିଛନ୍ତି ।

Nabarangpur

## ମନ୍ତ୍ରୀ–ବିଦ୍ୟାଳୟ ପରିଦର୍ଶନ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର କେଶରୀଗୁଡ଼ା ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ବିଦ୍ୟାଳୟ ଶ୍ରେଣୀ ଗୃହର ଅବ୍ୟବସ୍ଥାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପାଠପଢ଼ା, ମଧ୍ୟାହ୍ନ ଭୋଜନ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଗଣ୍ଡ ପଚାରି ବୁଝିଥିଲେ ।

I&PR

## ଚଳଚ୍ଚିତ୍ର ପୁରସ୍କାର

୩୫ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର–୨୦୨୪ ପାଇଁ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ଅକ୍ଟୋବର ୪ ତାରିଖ ସୁଦ୍ଧା ପ୍ରବେଶିକା ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସପ୍ଟ କପିକୁ ପେନ୍‌ଡ୍ରାଇଭ ମାଧ୍ୟମରେ ରେଜିଷ୍ଟ୍ରାଡ୍ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ବା ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ ।

୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡ଼ିକ ୨୦୨୩ ଜାନୁଆରୀ ୧ ତାରିଖରୁ ୨୦୨୩

ଡିସେମ୍ବର ୩୧ ତାରିଖ ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣନ ପତ୍ର ବା ସେନସରସିପ୍ ସାର୍ଟିଫିକେଟ୍ ପ୍ରାପ୍ତ ହୋଇଥିବା ଆବଶ୍ୟକ। ସେହିପରି ୩୬ତମ ରାଜ୍ୟ ଚଳଚ୍ଚିତ୍ର-୨୦୨୪ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ର ଗୁଡ଼ିକ ୨୦୨୪ ଜାନୁଆରୀ ୧ରୁ ୨୦୨୪ ଡିସେମ୍ବର ୩୧ ତାରିଖ ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣ ପ୍ରାପ୍ତ ହୋଇଥିବା ଆବଶ୍ୟକ।

PIB

## ରାଜଭାଷା ହିନ୍ଦୀ କର୍ମଶାଳା

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ– ସିବିସି ପ୍ରାଦେଶିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ– ପି.ଆଇ.ବି. ଭୁବନେଶ୍ୱରର ମିଳିତ ସହଯୋଗରେ ଆଜି ରାଜଭାଷା ହିନ୍ଦୀ କର୍ମଶାଳା ସହ ପୋଷଣମାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପି.ଆଇ.ବି. ଓ ସି.ବି.ସି.ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖୀଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜଭାଷା ହିନ୍ଦୀର ପ୍ରଚାର ଓ ପ୍ରସାର ସହ ସରକାରୀ କାର୍ଯ୍ୟରେ ଏହାର ପ୍ରୟୋଗକୁ ପ୍ରୋତ୍ସାହିତ କରିବା ଏବଂ ପୋଷଣ ମାସ ପରିପ୍ରେକ୍ଷୀରେ ସାମାଜିକ ସଚେତନତା ବୃଦ୍ଧି କରିବା ନେଇ ଆଲୋଚନା ହୋଇଛି। ଏଥିରେ ଶ୍ରୀ ମିଶ୍ର କହିଛନ୍ତି, ହିନ୍ଦୀ ଭାଷା ଦେଶର ସାମାଜିକ ଓ ସାଂସ୍କୃତିକ ଏକତାର ପ୍ରତୀକ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ପ୍ରକଳ୍ପ ଏବଂ ସଚେତନତା କାର୍ଯ୍ୟକ୍ରମକୁ ହିନ୍ଦୀ ସହ ସ୍ଥାନୀୟ ଭାଷାରେ ଉପସ୍ଥାପନ କଲେ ସାଧାରଣ ଲୋକଙ୍କ ପାଇଁ ଏହା ଅଧିକ ବୋଧଗମ୍ୟ ହୋଇପାରିବ। ପୋଷଣ ମାସ ସମ୍ପର୍କରେ ଶ୍ରୀ ମିଶ୍ର କହିଛନ୍ତି, ସୁସ୍ଥ ଜୀବନ ପାଇଁ ସମସ୍ତେ ସଚେତନ ଓ ଉତ୍ତମ ଖାଦ୍ୟାଭାସକୁ

ଅନୁସରଣ କରିବାର ଆବଶ୍ୟକତା ରହିଛି । କାର୍ଯ୍ୟକ୍ରମରେ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

Malkangiri

## ସଚେତନତା ରଥ

ମାଲକାନଗିରି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ବଜ୍ରପାତ ଜନିତ ଆକସ୍ମିକ ବିପଦରୁ ରକ୍ଷା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ରାଜସ୍ୱ ବିଭାଗର ବେଦବର ପ୍ରଧାନ ଏହାର ଶୁଭାରମ୍ଭ କରିଛନ୍ତି ।

Nayagarh

## ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ

ରାଜ୍ୟ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ସୁଶ୍ରୀ ସଙ୍ଗୀତା ପଣ୍ଡା  ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ସମୟରେ ସେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ନିପୁଣ ଭାରତ କାର୍ଯ୍ୟକ୍ରମ ଏବଂ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମର ପ୍ରଗତି ନେଇ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ ।

Deogarh

## ତାଲିମ ଶିବିର

ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଓଶ୍ୱାସ ସମ୍ମିଳନୀ କକ୍ଷରେ ଆଭାସୀ ଜରିଆରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଫାଇଲ ଡିଲିଂ ଏବଂ ଫାଇଲ ପ୍ରୋସେସିଂ ନେଇ ଓସ୍ୱାନ ପ୍ଲାଟଫର୍ମରେ ପ୍ରଶିକ୍ଷଣ ଦିଆଯାଇଥିଲା ।

Boudh

## ଭିତ୍ତିଭୂମି ଅନୁଧ୍ୟାନ

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଆଜି କଣ୍ଟାମାଳ ବ୍ଲକ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ଜିଲ୍ଲାପାଳ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ଅନୁଧ୍ୟାନ କରିବା ସହ ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କରିଥିଲେ।

Kandhamal/Nayagarh/Deogarh/Jajpur

## ଆଦି କର୍ମଯୋଗୀ ଅଭିଯାନ

ଯାଜପୁର ଜିଲ୍ଲାରେ 'ଆଦି କର୍ମଯୋଗୀ ଅଭିଯାନ'ର ତିନିଦିନିଆ କର୍ମଶାଳାର ପ୍ରଥମ ଦିନର କାର୍ଯ୍ୟକ୍ରମ ଆଜି ଯାଜପୁରଠାରେ ଜିଲ୍ଲା ମିଶନ ଶକ୍ତି, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲାର ୬୭ଟି ଜନଜାତି ବହୁଳ ଗ୍ରାମକୁ ସାମିଲ କରାଯାଇଛି। ଜନଜାତି ଅଞ୍ଚଳରେ ସରକାରୀ ସେବା ଯୋଜନା ଏବଂ ସୁବିଧାଗୁଡ଼ିକୁ ସମସ୍ତଙ୍କ ନିକଟରେ ପହଁଞ୍ଚାଇବା ହେଉଛି ଏହି ଅଭିଯାନର ମୂଳଲକ୍ଷ୍ୟ।

ଦେବଗଡ଼ ଜିଲ୍ଲା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଦି କର୍ମଯୋଗୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲାର ୫୨ଟି ଗ୍ରାମରେ ଆଗାମୀ ଦିନରେ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକାରୀ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଓ ଦଶପଲ୍ଲା ବିଡିଓ ଭୁବନାନନ୍ଦ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ।

କନ୍ଧମାଳ ଜିଲ୍ଲା ଫୁଲବାଣୀଠାରେ ଓସ୍ୱାନ ହଲ୍‌ଠାରେ ଆଦି କର୍ମଯୋଗୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

Puri

## ବାମନ ଜନ୍ମ ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଏଥିପାଇଁ ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Nuapada

## ନୂଆଁଖାଇ ପାଳିତ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ, ପାଟନା କ୍ଷତ୍ରିୟ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ସମାଜ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗଦେଇ ସଂସ୍କୃତି ଏବଂ ପରମ୍ପରା ଏକତାର ସୂତ୍ରରେ ବାନ୍ଧି ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି କହିଛନ୍ତି।

Malkangiri

## ଡକ୍ଟର ଚମ୍ପା

ଆଦିମ ଡିଡାଇ ଜନଜାତିର ପ୍ରଥମ ଡାକ୍ତର ହେବାକୁ ଥିବା ଚମ୍ପା ରାସପେଦାଙ୍କ ଗାଁରେ ଆଜି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପହଁଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ବିଶେଷଜ୍ଞ ଡାକ୍ତର ହୋଇ ଚମ୍ପା ନିଜ ଅଞ୍ଚଳର ସେବା କରନ୍ତୁ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏକ ମୋବାଇଲ, ପୋଷାକ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

Ganjam

## କ୍ରୀଡ଼ା ପ୍ରତିଯୋଗିତା

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ଷ୍ଟାଡିୟମ୍ ପରିସରରେ ଛତ୍ରପୁର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ କୁମାର ପାଢ଼ିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛତ୍ରପୁର ବିଧାୟକ  କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି। ଛତ୍ରପୁର ବ୍ଲକର ଚାରୋଟି ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ୩୦୦ ଜଣ ବାଳକ ବାଳିକା ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ।

MET

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର କ୍ରମଶଃ ଅଧିକ ଘନୀଭୂତ ହୋଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ଏବଂ ସଂଲଗ୍ନ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଅତିକ୍ରମ କରିବାର ସମ୍ଭାବନା ରହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି ।